# ଅଙ୍ଗନୱାଡି କେନ୍ଦ୍ରକୁ ଦିଆଯାଉଛି ନିମ୍ନମାନର ଖାଦ୍ୟ

- ୨ ମାସ ହେବ ମିଳିନି ଛତୁଆ, ଅଭିଯୋଗ କଲେ ଲୋକପ୍ରତିନିଧି
- ଯୋଗାଣକାରୀ ଏସ୍‌ଏଚ୍‌ଜିକୁ ପରିବର୍ତ୍ତନ କରିବାକୁ ତାଗିଦ୍ କଲେ ଏମ୍‌ପି, ବିଧାୟକ

ବନ୍ତ,୩୦।୯(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର। ଅନ୍ୟପକ୍ଷେ ୨ମାସ ହେବ ପିଲାଙ୍କୁ ଛତୁଆ ମିଳିନି ବୋଲି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୫ ପଞ୍ଚାୟତରେ ୨୩୮ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏସବୁ କେନ୍ଦ୍ରରେ ଛୋଟ ପିଲାମାନେ ପାଠ ପଢୁଛନ୍ତି। ସରକାର ସମସ୍ତ ପିଲାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି। ସେହିପରି ଗର୍ଭବତୀ, ପ୍ରସୂତି ଓ କିଶୋରୀମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି। ଏ ପରିପେକ୍ଷୀରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଏକ ସ୍ୱୟଂସହାୟକ ଗୋଷ୍ଠୀ ଛତୁଆ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରି ଯୋଗାଇ ଦେବାର ଦାୟିତ୍ୱ ନେଇଛି। ଦୀର୍ଘବର୍ଷ ହେବ ଉକ୍ତ ଏସ୍‌ଏଚ୍‌ଜି ଦାୟିତ୍ୱ ନେଇଥିବାରୁ ମନମୁଖୀ ଭାବେ ଛତୁଆ ପ୍ରସ୍ତୁତ କରି ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଇ ଚାଲିଛି। ଯୋଗାଇ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ସାମଗ୍ରୀ ଅତି ନିମ୍ନମାନର ହୋଇଥିବା ବେଳେ ପ୍ରତ୍ୟେକ ପ୍ୟାକେଟରେ ପରିମାଣ କମ୍ ରହୁଥିବା ଦେଖାଯାଇଛି।

ସେହିପରି ପିଲାଙ୍କୁ ଦିଆଯାଉଥିବା ଲଡୁ ଏତେ ଟାଣ ଯେ ତାହାକୁ ପିଲାମାନେ ଖାଇବା କଷ୍ଟକର ହୋଇପଡୁଛି। କିଶୋରୀ, ବାଳିକାଙ୍କ ପାଇଁ ଆସୁଥିବା ମୁଢ଼ି, ସୋଲା, ବାଦାମର ମାନ ଓ ପରିମାଣ କମ୍ ରହୁଥିବା ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା, ସେଣ୍ଡତୀରା ସମିତିସଭ୍ୟ ପ୍ରେମାନନ୍ଦ ନାୟକ, ବସନ୍ତିଆ ସରପଞ୍ଚ ଅଶୋକ ସାହୁଙ୍କ ସମେତ ବହୁ ଲୋକପ୍ରତିନିଧି ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ସ୍ୱୟଂସହାୟକ ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୂଆ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦେବାକୁ ଏମ୍‌ପି ଓ ବିଧାୟକ ସିଡିପିଓଙ୍କୁ ତାଗିଦ୍ କରି କହିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ସିଡିପିଓ ରାଜଶ୍ରୀ ଗୋସ୍ୱାମୀ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଖାଦ୍ୟର ମାନ ଓ ପରିମାଣ ଯାଞ୍ଚ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଝାଡ଼ଖଣ୍ଡରେ ଯମୁନାପଶି ଚାଷୀଙ୍କ ଆତ୍ମହତ୍ୟା

ପାଟଣା,୩୦।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ଗୋଡ଼ି ପୋଖରୀ ଗ୍ରାମର ଚାଷୀ ଗୁରୁଚରଣ ନାଏକ ଝାଡ଼ଖଣ୍ଡରେ ଆତ୍ମହତ୍ୟା କରିଛନ୍ତି। ସେ ଏକ ଗଛରେ ଗାମୁଛାରେ ଫାଶୀ ଲଗାଇଥିବା ଜଣାପଡ଼ିଛି। ଗୁରୁଚରଣ ଦିଲ୍ଲୀରେ ହୋଇଥିବା କିଷାନ ମହା ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗତ ୨୧ ତାରିଖରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟଙ୍କ ସହ ଟ୍ରେନ ଯୋଗେ ଯାଇଥିଲେ। ସେଠାରେ ୨୩ ତାରିଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମାତ୍ର ସୋମବାର ଝାଡ଼ଖଣ୍ଡର ସେରିଆ ଥାନା ଅଞ୍ଚଳରେ ଏକ ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି।

## ସୁରଭି: ପ୍ରତିଭା ଦେଖାଇଲେ ପ୍ରତିଯୋଗୀ


ଜଳହରୀ ସ୍କୁଲରେ ଅନୁଷ୍ଠିତ ସୁରଭି ମହୋତ୍ସବରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଭଣ୍ଡାରିପୋଖରୀ,୩୦।୯ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତର ଜଳହରୀ ସାରସ୍ୱତ ଉଚ୍ଚ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂଯୋଜକ ତ୍ରିଲୋଚନ ନାୟକଙ୍କ ସଂଯୋଜନା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଗୋପାଳ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ପ୍ରତିଭାର ବିକାଶ ପାଇଁ ସୁରଭି ଉତ୍ସବର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗରେ ଭାଗନେଇ ପ୍ରତିଭା ଦେଖାଇଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ପରିଡ଼ା ଅତିଥି ପରିଚୟ ଓ ବିଷ୍ଣୁପ୍ରିୟା ରାଉତ ଧନ୍ୟବାଦ ଦେଇଥିଲେ। ସୁଶାନ୍ତ ଜେନା, ରାଜେନ୍ଦ୍ର ବାରିକ, ସ୍ମୃତିଶ୍ରୀ ପାତ୍ର, ସୁମତୀ ଦେ, ସ୍ମୃତିରଞ୍ଜିତା ମହାଲିକ, ସୋନାଲି ରାଉତ, ତନୁଜା ରାଉତ, ଚମୁକି ଯେନା, ପ୍ରମିଳା ନାୟକ, ସୁଷମା ଜେନା, ବିଶ୍ୱଜିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଖଡ଼ିସିଙ୍ଗା କ୍ଲଷ୍ଟର ଅଧୀନ ଖଡ଼ିସିଙ୍ଗା ସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁରଲୀଧର ନୋଡାଲ ସ୍କୁଲରେ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ହାଁସଦାଙ୍କ ସଭାପତିତ୍ୱରେ ଆୟୋଜିତ ସୁରଭି ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରେଣୁବାଳା ରାଉତ ଯୋଗଦେଇ ଶିକ୍ଷା ବିଭାଗର ଏହି କାର୍ଯ୍ୟକ୍ରମ ପିଲାଙ୍କ ସୁପ୍ତ ପ୍ରତିଭାର ବିକାଶରେ ସହାୟକ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷା ସଂଯୋଜକ ଗଦାଧର ବାରିକ୍ ଓ ଅନ୍ୟତମ ଅତିଥି ଭାବେ ଅନୁ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ଜେନା, ଜଗନ୍ନାଥ ପଣ୍ଡା, ଉଦୟନାଥ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଅଜୟ ସ୍ୱାଇଁ, ଭାଗୀରଥି ସେଠୀ, ଅନୀତା ରାଉତ, ସୁଚିସ୍ମିତା ଜେନା, ଶିଶିର ରଥ, ଶ୍ରୀଧର ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାରେ ୨୦୦ ଟପିଲା ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

ଭଦ୍ରକ,୩୦।୯(ସନାତନ ରାଉତ)

**ଚାନ୍ଦବାଲିରେ ସର୍ବାଧିକ**

ଭଦ୍ରକ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ସେପ୍ଟେମ୍ବର ଶେଷ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ପାର୍ କରିଛି। ଗତ ଶନିବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୨୧୮ରେ ପହଞ୍ଚିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବାଧିକ ୪୮ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୪୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ଆଗରପଡ଼ାରେ ୩୧, ବରପଦାରେ ୨୫, ଧାମନଗରରେ ୨୩, ବାସୁଦେବପୁରରେ ୨୧, ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୮ ଓ ଭଦ୍ରକ ପୌରାଞ୍ଚଳରେ ୨୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ଓ ତିହିଡ଼ି ହଟ୍‌ସ୍ପଟ୍ ଜୋନ୍ ଭାବେ ରହିଛି। ଏମାନଙ୍କ ମଧ୍ୟରୁ ବାହାରୁ ଆସିଥିବା ୧୦୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ୧୧୫ଜଣ ସ୍ଥାନୀୟ ଅଞ୍ଚଳର ବୋଲି ସୂଚନା ମିଳିଛି।

## 'ପ୍ରତିଭା ବିକାଶରେ ସହାୟକ ହେଉଛି ସୁରଭି'


ସୁରଭି ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ବନ୍ତ,୩୦।୯(ହରି ନାରାୟଣ ମହାନ୍ତି)

ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ସୁରଭି କାର୍ଯ୍ୟକ୍ରମ ସହାୟକ ହେଉଛି ବୋଲି ସୋମବାର ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକସ୍ଥିତ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି ମହୋତ୍ସବରେ ଅତିଥିମାନେ କହିଛନ୍ତି। ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଅଭିମନ୍ୟୁ ସେନାପତିଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ନିଲୋକ ହାଇସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା, ମୁଖ୍ୟବକ୍ତା ବେଗନା ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ, ସରପଞ୍ଚ ରଜନୀ ସେଠୀ, ସମିତିସଭ୍ୟ ଉଦ୍ଧବ ସେଠୀ, ସିଆର୍‌ସିସି ରାଜେନ୍ଦ୍ର କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କହ୍ନେଇ ଚରଣ ସାହୁ ଓ ପୂର୍ବତନ ସିଆର୍‌ସିସି ଦୀନବନ୍ଧୁ ରାଉତ ଯୋଗ ଦେଇଥିଲେ। ୧୦ ବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଭାଗ ନେଇଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ନିରାକର ଜେନା ମଞ୍ଚ ପରିଚାଳନା ଓ ପ୍ରଧାନଶିକ୍ଷକ ବଟକୃଷ୍ଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ରତିକାନ୍ତ ନାୟକ, ସୁରେନ୍ଦ୍ର କୁମାର ପଣ୍ଡା, ଶେଷଦେବ ଜେନା, ରାଧାରାଣୀ ସେଠୀ, ମଳୟ କୁମାର ନାୟକ, ସନାତନ ଲେଙ୍କା, ନିତ୍ୟାନନ୍ଦ ସେଠୀ, ବିଭୁ ଭୂଷଣ ବିଶ୍ୱାଳ, ନାରାୟଣ ମିଶ୍ର, ଗୁରୁ ଚରଣ ମାଝୀ ଓ ସୁଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଜାନନ କମିଟି ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ରକ୍ତଦାତା ଓ ଅନ୍ୟମାନେ।

ଭଦ୍ରକ, ୩୦।୯ (ରବିନାରାୟଣ ଖିଲାର)

ମାସେ ଧରି ପୂଜା ପାଉଥିବା ଭଦ୍ରକ ସହରର କୁଆଁସ କଦମ୍ବବେଡା ନାୟକ କଲୋନୀ ଗଜାନନ କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ଆଶିଷ ଅମିତାଭ ମହାପାତ୍ର, ସଭାପତି ସନିଆ ନାୟକ, ସମ୍ପାଦକ ଶିବା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଭଦ୍ରକ ଡାକ୍ତରଖାନାର ଡା. ଶରତ କୁମାର ଆଚାର୍ଯ୍ୟ, ରତିକାନ୍ତ ବଳ, ରବୀନ୍ଦ୍ର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା, ମିଥ୍ୟା ବିଲ୍



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଚାନ୍ଦବାଲି,୩୦।୯ (କିଷାନ ପାତ୍ର)

**ଜନଶୁଣାଣିରେ ୧୪୬ ଅଭିଯୋଗ**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଏଥିରେ ଯୋଗଦେଇ ମୋଟ ୧୪୬ଟି ଅଭିଯୋଗ ଶୁଣିଥିଲେ। ମାଧପୁର ପଞ୍ଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟରେ ୧୭ଟି ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ଏବଂ ମିଥ୍ୟା ବିଲ୍ ନେଇ ଜିଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ ଭାଜପା ନେତା ବିଜୟ କୁମାର ପାଢ଼ୀ। ଜିଲାପାଳ ବିଭାଗୀୟ ଯନ୍ତ୍ରୀ ଓ ଏଇଇଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ମାଧପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସବିତା ବିଶ୍ୱାଳ କୋଭିଡ୍ କ୍ୟାମ୍ପ ବାବଦରେ ୫ବର୍ଷରୁ ଊର୍ଦ୍ଧ୍ୱ ହେଲା ବକେୟା ୫ ଲକ୍ଷ ଟଙ୍କା ପାଇ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏ ବାବଦରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରିବେ ବୋଲି ସେ କହିଛନ୍ତି। ଶିବିରରେ ୫ଜଣ ଦିବ୍ୟାଙ୍ଗଙ୍କୁ ଭତ୍ତା ଓ ବିଧବା ଭତ୍ତା ବାବଦରେ ୧ ହଜାର ଟଙ୍କା ଲେଖାଏ ଜିଲାପାଳ ପ୍ରଦାନ କରିଥିଲେ। ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ସିଡିଏମ୍‌ଓ ଡା. ସୁଧୀର ରଞ୍ଜନ ନାୟକ, ବିଡିଓ ଅସିତ କୁମାର ମହାନ୍ତି, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଏନ୍‌ଏସି ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ବିଇଓ ଶୁଭେନ୍ଦୁ ମହାରାଜଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

## ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିୟୋଗରେ ସ୍ମୃତିସଭା

ତିହିଡ଼ି, ୩୦।୯ (ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଟେକଚାନ୍ଦ କାଲ(୫୮)ଙ୍କ ବିୟୋଗରେ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଫିସ୍ ପରିସରରେ ବିଡିଓ ଜ୍ୟୋତିର୍ମୟ କରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବିଡିଓଙ୍କ ସମେତ ଏବିଡିଓ ମାନସ କୁମାର ଜେନା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ପ୍ରମୁଖ ଟେକଚାନ୍ଦ ଜଣେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବାନ ଓ ସଚ୍ଚୋଟ କର୍ମଚାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ରାଉତ, ଭୀଷ୍ମଦେବ ଶତପଥୀ, ଲଲାଟେନ୍ଦୁ ପାଲ, ତନୁଜା ମିଶ୍ର, ଭରତ ବିଶ୍ୱାଳ, ସମୀର ମାନ୍ନା, ଦେବସ୍ମିତା ବସନ୍ତିଆ, ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ଜିପିଓ ପ୍ଲାବନ ପଣ୍ଡା, ସେକ୍ସନ ଅଫିସର ରୁନାସୁନା, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର, ମାନଗୋବିନ୍ଦ ଦାସ, ବାସୁଦେବ ବେହେରା, ସୁକାନ୍ତ ମଲ୍ଲିକ, ଇତିଶ୍ରୀ ଦାସ, କମଳାକାନ୍ତ ଦାସ, କାମିନୀରାଣୀ ଓଝା, କୌଶିକ ଗିରି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଯେ, ଟେକଚାନ୍ଦ ଗାଧୁଆଘରେ ପଡ଼ିଯାଇ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଘର ଝାରସୁଗୁଡ଼ା ଜିଲା ଲୋଇକେରା ବ୍ଲକ ଅଧୀନ ଧେଙ୍ଗୁରଜୋର ଗ୍ରାମରେ। ସେ ଗତ ୨ ବର୍ଷ ହେଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ।


ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

## ପଡ଼ୋଶୀ ଜିଲାକୁ ଦୌଡୁଛନ୍ତି ଲୋକେ

ବନ୍ତ,୩୦।୯(ହରି ନାରାୟଣ ମହାନ୍ତି)

**ଇଣ୍ଟରନେଟ୍ ସେବା ବନ୍ଦ**

ବିବାଦୀୟ ପୋଷ୍ଟକୁ କେନ୍ଦ୍ରକରି ଭଦ୍ରକ ସହରରେ ଉତ୍ତେଜନା ଯୋଗୁ ଗତ ଶନିବାର ସକାଳଠାରୁ ସମଗ୍ର ଭଦ୍ରକ ଜିଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଏ ପରିପେକ୍ଷୀରେ ୩ଦିନ ଧରି ବନ୍ତ ବ୍ଲକର ଶତାଧିକ ମୋବାଇଲ ଉପଭୋକ୍ତାଙ୍କ ସମେତ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଛାତ୍ରୀଛାତ୍ର ପାଠ ପଢ଼ିବାରେ ଅସୁବିଧା ଭୋଗୁଥିବା ଦେଖାଯାଇଛି। ଇଣ୍ଟରନେଟ୍ ସେବା ବନ୍ଦ ହୋଇଯିବା ଫଳରେ ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ଅଫିସ, ଜନସେବା କେନ୍ଦ୍ର, ସାଇବରକେଫ, ସ୍କୁଲ, କଲେଜ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ଜରୁରୀ ସେବା ପାଇଁ କିଛି ଲୋକ ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର ଓ ଯାଜପୁର ଜିଲାକୁ ଯାଉଛନ୍ତି। ବହୁ ଯୁବକ ପଡ଼ୋଶୀ ଜିଲାର ସୀମାକୁ ଯାଇ ପାଠ ପଢୁଥିବା ମଧ୍ୟ ଦେଖାଯାଇଛି। ତେବେ ଏଭଳି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

## ସାଧାରଣଜ୍ଞାନ ପ୍ରତିଯୋଗିତାରେ ଭାଗନେଲେ ୯୭ ଛାତ୍ରୀଛାତ୍ର

ବଉଳା, ୩୦।୯ ( ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ମୁକୁନ୍ଦ ଚରଣ ସରକାରୀ ହାଇସ୍କୁଲ ନନ୍ଦିପଦା ହାଟରେ ମଣ୍ଡଳସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟରୁ ପଞ୍ଚମ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ୯୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜୁନିୟର ବିଭାଗରେ ସୋମନାଥ ଜେନା ଓ ସର୍ବ କନିଷ୍ଠ ବିଭାଗରେ ପ୍ରାର୍ଥ ସାରଥି ପହି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁକୁନ୍ଦ ଚରଣ ସରକାରୀ ହାଇସ୍କୁଲ ନନ୍ଦିପଦା ହାଟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବିଇଓ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଏବିଇଓ ପ୍ରମୋଦ କୁମାର ନାୟକ, ବ୍ଲକ୍ ଓଷ୍ଟା ସଭାପତି ଶିଶିର କୁମାର ବିଶ୍ୱାଳ, ସମ୍ପାଦକ ନବଘନ ନାୟକ, ସିଆରସିସି ଆଲୋକ ରଥ, ପ୍ରଫୁଲ୍ଲ ଜେନା ଉପସ୍ଥିତ ଥିଲେ। ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର, ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡଳସ୍ତରୀୟ ବିଦ୍ୟାଳୟଗୁଡ଼ିକର ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହିଥିଲେ।

## ୧୪ ଶାଳଗଣ୍ଡି ଜବତ

ପାଟଣା,୩୦।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ କାଠ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ଦିନ ଦ୍ୱିପ୍ରହରରେ ମେସିନ ଲଗାଇ ବଡ଼ ବଡ଼ ଶାଳ ଗଛକୁ କାଟି ଚାଲାଣ କରୁଛନ୍ତି। ରବିବାର ମଲ୍ଲୀପଶି ବିଟ୍ ଧନୁର୍ଜ୍ୟୟପୁର ଗ୍ରାମର ଏକ ସରକାରୀ ଜମିରୁ ମାଫିଆ ଶାଳ ଗଛ କାଟି ଚୋରାଚାଲାଣ କରୁଥିବା ଖବର ପାଇ ବନ ବିଭାଗ ଚଢ଼ାଉ କରିଥିଲା। ରାତି ତମାମ ବନ ବିଭାଗ କାଠକୁ ଜଗି ରହିଥିବାରୁ କାଠ ମାଫିଆ କାଠ ନେଇ ପାରି ନ ଥିଲେ। ସୋମବାର ୧୪ଖଣ୍ଡ ଶାଳଗଣ୍ଡି ବନ ବିଭାଗ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି।

## ରୋଗକୁ ଆମନ୍ତ୍ରଣ କରୁଛି ମଇଳା ପାଣି

ରାମଚନ୍ଦ୍ରପୁର,୩୦।୯(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ୨୦ ନଂ. ଜାତୀୟ ରାଜପଥ ଖଲଣାଛକସ୍ଥିତ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଏଖ ଖାଲରେ ଜମି ରହିଥିବା ମଇଳା ପାଣି ରୋଗକୁ ଆମନ୍ତ୍ରଣ କରୁଛି। ଏଠାରେ ଥିବା ଖାଲରେ ନର୍ଦ୍ଦମା ପାଣି, ବର୍ଷା ଜଳ ଜମିରହି ଦୁର୍ଗନ୍ଧ ହେଉଛି। ଫଳରେ ପେଟ୍ରୋଲ ପକାଇବାକୁ ଆସୁଥିବା ଲୋକେ ଓ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନଯାୟୀ, କିଛି ଦିନ ହେବ ଜିଲାରେ ଲଗାଣ ବର୍ଷା ଲାଗିରହିଛି। ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଖାଲଲେ ପାଣି ଜମି ରହି ଦୁଗର୍ନ୍ଧ ହେଉଛି। ସରକାରଙ୍କ ପକ୍ଷରୁ ଡେଙ୍ଗୁ ସଚେତନତା କରାଯାଉଥିବା ବେଳେ ଉକ୍ତ ଖାଲର ନର୍ଦ୍ଦମା ପାଣିରେ ମଶା, ମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅଞ୍ଚଳରେ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ରହିଛି। ଅଗଷ୍ଟ ୨୪ରେ ଏକ ତୀର୍ଥଯାତ୍ରୀ ବସ୍ ପେଟ୍ରୋଲ ପକାଇବାକୁ ଯାଉଥିବା ବେଳେ ପଛରୁ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ୍ ଧକ୍କା ଦେଇ ଖାଲରେ ପସି ଯାଇଥିଲା। ପାଞ୍ଚ ଫୁଟ ଖାଲରେ ପଶି ଯାଇଥିଲେ ମଧ ଟ୍ରକ୍ ଚାଳକ ସୁରକ୍ଷିତ ଥିଲେ। ଖାଲ ଆଗାମୀ ଦିନରେ ବିପଦ ସୃଷ୍ଟି କରିବା ପୂର୍ବରୁ ଏହାକୁ ପୋତିବାକୁ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଦାବି କରିଛନ୍ତି। ତେବେ ଉକ୍ତ ଖାଲ ବିଷୟରେ ପେଟ୍ରୋଲ ପମ୍ପ ଦାୟିତ୍ୱରେ ଥିବା ସ୍ମୃତିରଞ୍ଜନ ସାହୁ କହିଛନ୍ତି, ସେ ବାହାରେ ଏକ କାର୍ଯ୍ୟରେ ଅଛନ୍ତି। ଫେରି ଦେଖିବା ପରେ କିଛି ବ୍ୟବସ୍ଥା କରିବେ।



# ଦଶହରାର ଆଭାସଦିଏ 'ଦାସାଇଁ ନାଚ'

କେନ୍ଦୁଝର,୩୦ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

■ପରମ୍ପରା ବଜାୟ ରଖିଛନ୍ତି ମୁଣ୍ଡା ସମ୍ପ୍ରଦାୟ

■ଏକ ମାସ ଧରି ଗାଁରେ ନାଚର ମାହୋଲ ଜମେ

ହିନ୍ଦୁଧର୍ମର ଏକ ବଡ଼ ପର୍ବ ଭାବେ ଦଶହରାକୁ ବିବେଚନା କରାଯାଇଥାଏ। ମା'ଙ୍କୁ ଆବାହନ ନିମନ୍ତେ ପୂଜା କମିଟି, ଗାଁଠୁ ସହର ସବୁଠି ଚଳଚଞ୍ଚଳ ହୋଇଉଠେ। ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ ଦଶହରାକୁ ଆଦିବାସୀମାନେ ନାଚ, ଗୀତ ମାଧ୍ୟମରେ ଭିନ୍ନ ଅନ୍ଦାଜରେ ପାଳନ କରିଥାଆନ୍ତି। ଆଦିବାସୀ ଅଞ୍ଚଳରେ ଦଶହରା ସେଭଳି ଜାକଜମକରେ ହେଉ ନ ଥିଲେ ହେଁ ମୁଣ୍ଡା ସମ୍ପ୍ରଦାୟରେ 'ଦାସାଇଁ ନାଚ' ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଉକ୍ତ ନାଚ ଗାଁମାନଙ୍କରେ ଆରମ୍ଭ ହେଲେ ଦଶହରାର ଆଭାସ ଦେଇଥାଏ। ଗ୍ରାମାଞ୍ଚଳରେ ଲୋକେ ଏହି ନାଚ ଦେଖିଲେ ଦଶହରା ପହଞ୍ଚିଲା ବୋଲି ଜାଣିଥାଆନ୍ତି। ଏଥିରେ ପରମ୍ପରାର ଝଲକ ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଦଶହରାର ପ୍ରାୟ ୧ ମାସ ପୂର୍ବରୁ ଉକ୍ତ ନାଚ ଆରମ୍ଭ ହୋଇଥାଏ। ଦଶହରା ପୂର୍ବରୁ ମୁଣ୍ଡା ସମ୍ପ୍ରଦାୟର ଲୋକେ ଦଳ ଦଳ ହୋଇ ଗାଁକୁ ଗାଁ ବୁଲି ନାଚ କରିଥାନ୍ତି। ଯଦିଓ ଅର୍ଥାଭାବରୁ ସେମାନଙ୍କ ପୋଷାକରେ ଭିନ୍ନତା ଥାଏ, ମାତ୍ର ସେମାନଙ୍କ ନୃତ୍ୟଶୈଳୀ ଲୋକଙ୍କୁ ଆମୋଦପ୍ରମୋଦର ଖୋରକ ଯୋଗାଇଥାଏ। ବିଭିନ୍ନ ପ୍ରକାରର ବେଶଭୂଷାରେ ସଜ୍ଜିତ ହୋଇ ନାଚିଥାନ୍ତି। ଏହି ସମୟରେ 'ସେ ବେରେ ସେ ବେରେ ସେ, ଭୁଁ ସେ ସେ ଭୁଁ' ଗୀତ ଗାଇଥାଆନ୍ତି। ପୁରୁଷମାନେ ନାରୀ, କିନ୍ନର, ପଶୁପକ୍ଷୀ ଆଦି ବେଶରେ ନିଜକୁ ସଜାଇ ଥାଆନ୍ତି। ବିଭିନ୍ନ ପ୍ରକାରର ଶବ୍ଦ କରି, ବାଦ୍ୟ ବଜାଇ ନାଚଗୀତ କରିଥାନ୍ତି। ଦଳ ଦଳ ହୋଇ ନାଚଗୀତ କରୁଥିବାରୁ ଗ୍ରାମର ପରିବେଶ ଚଳଚଞ୍ଚଳ ହେଉଥିଲା। ଅନେକେ ସହରାଞ୍ଚଳରେ ମଧ୍ୟ ନାଚଗୀତ ପରିବେଷଣ କରିଥାନ୍ତି। ଏଥିପାଇଁ ଏକପ୍ରକାର ବାଦ୍ୟ ବ୍ୟବହାର ହୋଇଥାଏ। ଯାହାକୁ ଭୁଆଁ ବାଦ୍ୟ କୁହାଯାଏ। ବାଉଁଶ, ଚମଡ଼ା, କଳସରେ ପ୍ରସ୍ତୁତ ବାଦ୍ୟରୁ ଭିନ୍ନ ପ୍ରକାରର ଶବ୍ଦ ବାହାରିଥାଏ। ଏହାଛଡ଼ା ପିତଳ ଥାଳି, ଗରା ସାଙ୍ଗକୁ ଆଲୁମିନିୟମ ଗରା, ଥାଳି ଆଦିକୁ ବାଦ୍ୟ ଭାବରେ ବ୍ୟବହାର କରିଥାନ୍ତି। ସେହିପରି ଅଙ୍କାବଙ୍କା ବାଉଁଶକୁ ଧରି ନାଚିଥାନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୋଗୀ ବା ବନ୍ୟଜନ୍ତୁର ମୁଖା ପିନ୍ଧି ବିଭିନ୍ନ ଭାବଭଙ୍ଗୀରେ ନାଚ କରି ଲୋକଙ୍କ ମନୋରଞ୍ଜନ କରନ୍ତି। ଗାଁର ଘର ଘର ବୁଲିବା ସମୟରେ ଲୋକମାନେ ଦେଉଥିବା ଚାଉଳ, ଶସ୍ୟ, ଟଙ୍କାପଇସା ବା ଅନ୍ୟ ସାମଗ୍ରୀକୁ ଗ୍ରହଣ କରିଥାନ୍ତି। ସଂଗୃହୀତ ଅର୍ଥ ଓ ସାମଗ୍ରୀରେ ସେମାନେ ଦଶହରା ଦିନ ପୂଜା କରିଥାନ୍ତି। ଆଧୁନିକ ଯୁଗରେ ଏହି ପାରମ୍ପରିକ ନାଚ ବହୁ କମ୍ ଦେଖିବାକୁ ମିଳୁଛି।



ମୁଣ୍ଡା ସମ୍ପ୍ରଦାୟର ଲୋକେ ନୃତ୍ୟ ପରିବେଷଣ କରୁଛନ୍ତି।

ବିଶ୍ୱାସ ରହିଛି, ଯେଉଁମାନେ ତନ୍ତ୍ର ଓ ମନ୍ତ୍ର ଉପରେ ବିଶ୍ୱାସ ରଖନ୍ତି, ସାଧନା କରନ୍ତି ସେମାନେ ଉକ୍ତ ନାଚ କରିଥାନ୍ତି। ଦଶହରାରେ ତନ୍ତ୍ରଦେବୀଙ୍କୁ ପୂଜାକରି ତନ୍ତ୍ର ଶିକ୍ଷା କରିଥାନ୍ତି। ସେମାନଙ୍କ ମଧ୍ୟରେ ଏକତା ଓ ଭାଇଚାରାର ପରିବେଶ ସୃଷ୍ଟି କରିଥାଏ। ସହରୀ ସଭ୍ୟତାର ପ୍ରବେଶ ଓ ଆଧୁନିକତାର ଚାକଚକ୍ୟ ମଧ୍ୟରେ ବହୁ ପୁରାତନ ପରମ୍ପରା ଲୋପ ପାଇବାକୁ ବସିଛି ବୋଲି ସାହିତ୍ୟିକ କରୁଣାକର ବାରିକ କୁହନ୍ତି। ଏହା ଏକ ପରମ୍ପରାର ଝଲକ ହୋଇ ରହିଛି। ଏପରି କେତେ ଗ୍ରାମରେ ଦେଖିବାକୁ ମିଳୁଛି ବୋଲି ଅବସରପ୍ରାପ୍ତ କ୍ଷେତ୍ର ପ୍ରଚାର ଅଧିକାରୀ ଅଲେଖ ପାତ୍ର କହିଛନ୍ତି।

# ପଦ୍ମଲୋଚନ ସଭାପତି, ପ୍ରଦୀପ ସାଧାରଣ ସମ୍ପାଦକ

କେନ୍ଦୁଝର, ୩୦ା୯
( ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ଫଳାଫଳ**

କେନ୍ଦୁଝର ଜିଲାର ବିତଶାଳୀ ସଂଗଠନ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏହି ନିର୍ବାଚନରେ ସଭାପତି ଭାବରେ ପଦ୍ମଲୋଚନ ସାହୁ , ଉପସଭାପତି ଭାବେ ନିଶିଥ ରଞ୍ଜନ ପଟ୍ଟନାୟକ (କେନ୍ଦୁଝର ଜୋନ) ଓ ଦେବଦତ୍ତ ନାୟକ (ଆନନ୍ଦପୁର ଜୋନ) ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବରେ ପ୍ରଦୀପ କୁମାର ବାରିକ, ଯୁଗ୍ମ ସମ୍ପାଦକ ଅୟସ କାନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ରୁଦ୍ର ନାରାୟଣ ମିଶ୍ର ନିର୍ବାଚିତ ହୋଇଛନ୍ତି।

ପ୍ରକାଶ ଯେ, ଦୀର୍ଘ ବର୍ଷ ପରେ ନିର୍ବାଚନ ହୋଇଥିବାରୁ ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଥିଲା। କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ସଭାପତି ପ୍ରାର୍ଥୀ ପଦ୍ମଲୋଚନ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାମଚନ୍ଦ୍ର ଭୂୟାଁଙ୍କୁ ୬୨୪ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସାଧାରଣ ସମ୍ପାଦକ ପଦବୀ ପାଇଁ ପ୍ରଦୀପ ବାରିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୂର୍ଯ୍ୟନାରାୟଣ କରଙ୍କୁ ୬୭୫ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଆନନ୍ଦପୁର ଅଞ୍ଚଳର ଉପସଭାପତି ଭାବରେ ଦେବଦତ୍ତ ନାୟକ ୯୧୪ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୟନ୍ତ କୁମାର ସାହୁ ୭୩୦ଖଣ୍ଡ ଭୋଟ ପାଇଥିଲେ। କେନ୍ଦୁଝର ଜୋନ୍ ଉପସଭାପତି ଭାବେ ନିଶିଥ ରଞ୍ଜନ ପଟ୍ଟନାୟକ ୧୪୫୨ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିଲୀପ କୁମାର ପଣ୍ଡା ୧୨୯୩ଖଣ୍ଡ ଭୋଟ ପାଇଥିଲେ। କୋଷାଧ୍ୟକ୍ଷ ପଦବୀ ପାଇଁ ରୁଦ୍ରନାରାୟଣ ମିଶ୍ର ୧୨୪୪ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶିବପ୍ରସାଦ ସାହୁ ୧୧୦୨ଖଣ୍ଡ ଭୋଟ ପାଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଅୟସକାନ୍ତ ପଟ୍ଟନାୟକ ୧୯୦୭ଭୋଟ, ଦେବାଶିଷ ପଟ୍ଟନାୟକ ୧୪୨୩ଖଣ୍ଡ, ଅରୁଣ ମହାନ୍ତ ୧୨୪୫, ସଞ୍ଜୟ ସିଂହ ୫୬୬, ପ୍ରଦୀପ ସାହୁ ୫୧୮ଭୋଟ ଓ ପ୍ରଦୀପ ସାମନ୍ତ ୧୦୬ଖଣ୍ଡ ଭୋଟ ପାଇଥିବା ବେଳେ ଅୟସକାନ୍ତ ପଟ୍ଟନାୟକ ଓ ଦେବାଶିଷ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟଭାବେ କେନ୍ଦୁଝର ଜୋନ୍‌ରୁ ସୁନୀଲ ବାରିକ, ଦେବପ୍ରସାଦ ପୃଷ୍ଟି, ବିଜୟ ବାରିକ, ତପନ ବାରିକ ଓ ସୁଶାନ୍ତ ଗିରି, ଢେଙ୍କିକୋଟ ଜୋନରେ ଉତ୍ତମ ଖଟୁଆ, ଘଟଗାଁ ଜୋନ୍‌ରେ ଦିଲ୍ଲୀପ ବଳ, ଚମ୍ପୁଆ ଜୋନ୍‌ରେ ବିଭୁ ରଞ୍ଜନ ପଲେଇ, ହାଟଡିହୀ ଜୋନ୍‌ରେ ରବୀନ୍ଦ୍ର ପୁହାଣ, ଘଷିପୁରା ଜୋନ୍‌ରେ ବିକାଶ ଜେନା, ପ୍ରତାପ ଚନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ, ମନୋରଞ୍ଜନ ସାହୁ, କୁଳମଣି ସାହୁ, ରାମଚନ୍ଦ୍ରପୁର ଜୋନ୍‌ରେ ସୁବ୍ରତ କୁଅଁର ନିର୍ବାଚିତ ହୋଇଛନ୍ତି।

## ୧୪ ଶାଳଗଣ୍ଡି ଜବତ

ପାଟଣା,୩୦ା୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ କାଠ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ଦିନ ଦ୍ୱିପ୍ରହରରେ ମେସିନ ଲଗାଇ ଶାଳ ଗଛକୁ କାଟି ଚାଲାଣ କରୁଛନ୍ତି। ରବିବାର ମଲ୍ଲିପଶି ବିଟ୍ ଧନୁର୍ଜ୍ୟୟପୁର ଗ୍ରାମର ଏକ ସରକାରୀ ଜମିରୁ ମାଫିଆ ଶାଳ ଗଛ କାଟି ଚୋରାଚାଲାଣ କରୁଥିବା ଖବର ପାଇ ବନ ବିଭାଗ ଚଢ଼ାଉ କରିଥିଲା। ବନ ବିଭାଗ କର୍ମଚାରୀଙ୍କୁ ଦେଖି ମାଫିଆ ଫେରାର ହୋଇଯାଇଥିଲେ। ସୋମବାର ୧୪ଖଣ୍ଡ ଶାଳଗଣ୍ଡି ବନ ବିଭାଗ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି।

## ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ଚମ୍ପୁଆ,୩୦ା୯(ମହେଶ୍ୱର ଦାଶ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ସଭା ଗୃହଠାରେ ଥାନା ଅଧିକାରୀ ଅବିନାଶ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜାକୁ ଶୃଙ୍ଖଳିତ ଭାବେ ସମାପନ କରିବା ଲକ୍ଷ୍ୟ ନେଇ ଅନୁଷ୍ଠିତ ବୈଠକରେ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ମୁଖ୍ୟମାନେ ଯୋଗଦେଇଥିଲେ। ଚଳିତ ଦୁର୍ଗାପୂଜାରେ ଶୃଙ୍ଖଳିତ ପୂଜା, କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଢ଼ ଭସାଣି ଆଦି କିପରି ଶୃଙ୍ଖଳାର ସହ ସମାପନ ହୋଇପାରିବ, ସେ ଦିଗରେ ଆଲୋଚନା କରାଯାଇଥିଲା। ଏଥି ସହିତ ଦୁର୍ଗପୂଜା ଉପଲକ୍ଷେ ପଡୁଥିବା ସାଂସ୍କୃତିକ ଅପେରା କାର୍ଯ୍ୟକ୍ରମକୁ କମିଟି ସଦସ୍ୟଙ୍କ ଦ୍ୱାରା ଶୃଙ୍ଖଳାସହ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଭସାଣି ସମୟରେ ସତର୍କତା ଅବଲମ୍ବନ କରିବାକୁ ଥାନା ଅଧିକାରୀ କହିଥିଲେ। ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ସୁବାଶ ରାମ, ଏମ୍‌ଡି ଫେୟାଜ, ଏମ୍‌ଡି ମୁସଲିମ୍, ବାବୁଲା ଚାଉଡ଼ା, ଏମ୍‌ଡି ମକିମ୍ ସମେତ ଚମ୍ପୁଆ, ରିମୁଳି ଓ କରିଆ ପୂଜା କମିଟିର ମୁଖ୍ୟମାନେ ଯୋଗଦେଇଥିଲେ।

# ଆନନ୍ଦପୁରରେ ଗଣପତିଙ୍କୁ ମେଲାଣି

ଆନନ୍ଦପୁର,୩୦ା୯(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝରରେ ଆନନ୍ଦପୁରରେ ସୋମବାରଠାରୁ ଗଣେଶ ଭସାଣି ପର୍ବ ଆରମ୍ଭ ହୋଇଛି। ପାରମ୍ପରିକ ରୀତିନୀତିରେ ଆକର୍ଷଣୀୟ ସଜବାଜରେ ଗଣେଶ ବିସର୍ଜନ କରାଯାଇଛି। ଉତ୍ସବକୁ ଦେଖିବା ଲାଗି ଦୂରଦୂରାନ୍ତରୁ ଲୋକଙ୍କ ସମାଗମ ହୋଇଥିଲା। ଆନନ୍ଦପୁର ବ୍ଲକ୍ ଛକଠାରୁ କଚେରୀ ପର୍ଯ୍ୟନ୍ତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆନନ୍ଦପୁରବାସୀ ଏହାର ଭରପୁର ଆନନ୍ଦ ଉଠାଇଥିଲେ। ଶନିବାର ପର୍ଯ୍ୟନ୍ତ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ଶାନ୍ତି ଶୃଙ୍ଖଳା ନିମନ୍ତେ ଆନନ୍ଦପୁର ପ୍ରଶାସନ, ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସଜାଗ ରହିଛନ୍ତି।



ଚଳିତ ବର୍ଷ ଭସାଣି ଉତ୍ସବରେ ପ୍ରଶାସନ ପକ୍ଷରୁ ଡିଜେ ବ୍ୟାନ କରାଯାଇଛି। ରାତ୍ର ୯ ଘଟିକା ମଧ୍ୟରେ ଭସାଣି ଶେଷ କରିବା ପାଇଁ ନିର୍ଦ୍ଦେଶ ନାମା ଜାରି କରାଯାଇଛି।

## ଚୋରି ବାଇକ୍ ଜବତ୍

ଢେଙ୍କିକୋଟ,୩୦ା୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହିରୁ ଚୋରି ହୋଇଥିବା ବାଇକ୍ ପୋଲିସ ଜବତ କରିଛି। ଶନିବାର ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ମୁଣ୍ଡା ସାହିରେ ପୋଲିସ ଚଢ଼ାଉ ଚୋରି ବାଇକ୍ ଜବତ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଟିଙ୍କୁରୁ ମୁଣ୍ଡା(୪୦)ଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଗୋବିନ୍ଦ ନାୟକଙ୍କ ଘରୁ ତାଙ୍କ ୟାମା ବାଇକଟି ଗତ ୨୭ ତାରିଖରେ ଚୋରି ହୋଇଥିବା ଘଟଗାଁ ଥାନାରେ ଅଭିଯୋଗ କରିଥିଲେ।

## ଯମୁନାପଶି ଚାଷୀଙ୍କ ଝାଡ଼ଖଣ୍ଡରେ ଆତ୍ମହତ୍ୟା

ପାଟଣା,୩୦ା୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ଗୋଡ଼ି ପୋଖରୀ ଗ୍ରାମର ଚାଷୀ ଗୁରୁଚରଣ ନାଏକ ଝାଡ଼ଖଣ୍ଡରେ ଆତ୍ମହତ୍ୟା କରିଛନ୍ତି। ସେ ଏକ ଗଛରେ ଗାମୁଛାରେ ଫାଶୀ ଲଗାଇଥିବା ଜଣାପଡ଼ିଛି। ଗୁରୁଚରଣ ଦିଲ୍ଲୀରେ ହୋଇଥିବା କିଷାନ ମହା ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗତ ଶନିବାର( ୨୧ ତାରିଖରେ) ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟଙ୍କ ସହ ଟ୍ରେନ ଯୋଗେ ଯାଇଥିଲେ। ସେଠାରେ ଗତ ସୋମବାର( ୨୩ ତାରିଖ) କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସାମବାର ଝାଡ଼ଖଣ୍ଡର ସେରିଆ ଥାନା ଅଞ୍ଚଳରେ ଏକ ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଥିଲା। ଏ ନେଇ ପରିବାର ଲୋକେ ଖବର ପାଇବା ପରେ ପୁଅ କୀର୍ତ୍ତନ ନାଏକ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେରିଆ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଥିଲା। କୀର୍ତ୍ତନଙ୍କ ନିକଟରେ ଟଙ୍କା ନ ଥିବାରୁ ମୃତଦେହ ଗାଁକୁ ଆଣି ନ ପାରି ଗିରିଡ଼ିହି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିବା କହିଛନ୍ତି।

# ସାଧାରଣଜ୍ଞାନ ପ୍ରତିଯୋଗିତାରେ ଭାଗନେଲେ ୯୭ ଛାତ୍ରୀଛାତ୍ର

ବଡଲା, ୩୦ା୯( ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ମୁକୁନ୍ଦ ଚରଣ ସରକାରୀ ହାଇସ୍କୁଲ ନନ୍ଦିପଦା ହାଟରେ ମଣ୍ଡଳସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟରୁ ପଞ୍ଚମ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ୯୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜୁନିୟର ବିଭାଗରେ ସୋମନାଥ ଜେନା ଓ ସର୍ବ କନିଷ୍ଠ ବିଭାଗରେ ପ୍ରାର୍ଥ ସାରଥି ପହି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁକୁନ୍ଦ ଚରଣ ସରକାରୀ ହାଇସ୍କୁଲ ନନ୍ଦିପଦା ହାଟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବିଇଓ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଏବିଇଓ ପ୍ରମୋଦ କୁମାର ନାୟକ, ବ୍ଲକ୍ ଓଷ୍ଟା ସଭାପତି ଶିଶିର କୁମାର ବିଶ୍ୱାଳ, ସମ୍ପାଦକ ନବଘନ ନାୟକ, ସିଆରସିସି ଆଲୋକ ରଥ, ପ୍ରଫୁଲ୍ଲ ଜେନା ଉପସ୍ଥିତ ଥିଲେ। ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର, ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡଳସ୍ତରୀୟ ବିଦ୍ୟାଳୟଗୁଡ଼ିକର ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହିଥିଲେ।

# ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଢେଙ୍କିକୋଟ,୩୦ା୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଶିକ୍ଷାଧିକାରୀ ଉତ୍ତମ କୁମାର ନାୟକଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ସାହାରପଡ଼ା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଦିଆଯାଇଛି। କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ଦୟାନିଧି ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପାଟଣା ବ୍ଲକ୍ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ବିଇଓ ଧରଣୀଧର ଦାସ, ସମ୍ମାନନୀୟ ଅତିଥିଭାବେ ପାଟଣା ବ୍ଲକ୍ ବେଗନାଖମଣ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭବାନି ମହାନ୍ତ, ପୂର୍ବତନ ଏବିଇଓ ଅନାଦି ଚରଣ ବେହେରା, ଏବିଇଓ ହେମା ମାଝୀ, ଅବସରପ୍ରାପ୍ତ ଏବିଇଓ ରତ୍ନାକର ମହାନ୍ତ ଯୋଗ ଦେଇଥିଲେ। ଅବସର ନେଉଥିବା ଶିକ୍ଷାଧିକାରୀ ଉତ୍ତମ କୁମାର ନାୟକ ଏବଂ ତାଙ୍କର ଧର୍ମପତ୍ନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଉପଢୌକନ ଦେଇ ତାଙ୍କ ଅବସରକାଳିନ ଜୀବନ ଶାନ୍ତି, ସୁସ୍ଥ ଓ ନିରାମୟରେ କଟୁ ବୋଲି ଅତିଥିମାନେ ପ୍ରାର୍ଥନା କରିଥିଲେ। ଶିକ୍ଷକ କଳାକର ମହାନ୍ତ, ଲୁଲୁ ବାରିକ, ରତ୍ନାକର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଢେଙ୍କିକୋଟଠାରେ ସାରଦୀୟ ଦୁର୍ଗାପୂଜା ମଣ୍ଡପ କମିଟି ତରଫରୁ ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା। କମିଟିର ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘନ ସାହୁ, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ମହାପାତ୍ର, ଉପଦେଷ୍ଟା ମଣ୍ଡଳିର ପୁରଧା ବୈଲୋଚନ ବେହେରା ପ୍ରମୁଖ ପାଛୋଟି ନେଇଥିଲେ।

# ମହାପ୍ରଭୁଙ୍କ ପାଇଁ ଦାନ୍ତକାଠି ପଠାଗଲା

କେନ୍ଦୁଝର,୩୦ା୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜଗତର ନାଥ ଶ୍ରୀ ଜଗନ୍ନାଥ ପୃଥିବୀରେ ମାନବୀୟ ଲୀଳା କରୁଛନ୍ତି। ମାନବ ପରି ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଲୀଳା ମଧ୍ୟରୁ ସକାଳେ ଦାନ୍ତ ଘଷିବା ଅନ୍ୟତମ। ଏଥିପାଇଁ ଏକ ବିଶେଷ କାଠିର ଆବଶ୍ୟକ ହୋଇଥାଏ। ଯାହାକୁ ଲୋକେ ମୁଟୁରି କାଠି କହୁଥିବା ବେଳେ ମୟୁରଭଞ୍ଜ ଅଞ୍ଚଳରେ ଏହାକୁ ରାମ ଦାନ୍ତୁନ ବୋଲି କହିଥାନ୍ତି। ଜଗନ୍ନାଥଙ୍କ ଏହି କାଠିକୁ ଗତ ରବିବାର ପୁରୀ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠ ଆଦିତ୍ୟ ବାହିନୀର ରାଜ୍ୟ ଉପାଧ୍ୟକ୍ଷ ରଘୁନାଥ ମହାନ୍ତ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜଙ୍ଗଲରୁ ନିଷ୍ଠାର ସହିତ ଆଣି ଗୋବର୍ଦ୍ଧନ ମଠରେ ପହଞ୍ଚିଥିଲେ। ପରେ ସନ୍ଧ୍ୟାରେ ଠାକୁରଙ୍କ ଦାନ୍ତ ମଞ୍ଜନ ପାଇଁ ଯଥାବିଧି ମଠରୁ ମୁଟୁରି କାଠି ଆଦିତ୍ୟ ବାହିନୀ ରାଜ୍ୟ ଉପାଧ୍ୟକ୍ଷ ରଘୁନାଥ ମହାନ୍ତ ଓ କେନ୍ଦୁଝର ଶାଖାର କ୍ଷତ୍ରିୟ ସମ୍ପାଦକ ପ୍ରହ୍ଲାଦ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମନ୍ଦିରକୁ ନିଆଯାଇଥିଲା। ଏଥିରେ ସୀତାନାଥ ମହାନ୍ତ, ସାଗର ମହାନ୍ତି, ବିଜୟ ରତ୍ନ ପାତି, ରଞ୍ଜନ ବାରିକ, କେନ୍ଦୁଝର ଜିଲା ଆଦିତ୍ୟ ବାହିନୀର କର୍ମକର୍ତ୍ତା ନବୀନ ପଲେଇ, ନରେନ୍ଦ୍ର ମହାନ୍ତ, ଅଞ୍ଜନ ରଣା, କାର୍ତ୍ତିକ ଚନ୍ଦ୍ର ଦାସ, ରଣଜିତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରୋଗକୁ ଆମନ୍ତ୍ରଣ କରୁଛି ମଇଳା ପାଣି



ରାମଚନ୍ଦ୍ରପୁର,୩୦ା୯(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ୨୦ ନଂ. ଜାତୀୟ ରାଜପଥ ଖଲଣାଛକସ୍ଥିତ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଏଖ ଖାଲରେ ଜମି ରହିଥିବା ମଇଳା ପାଣି ରୋଗକୁ ଆମନ୍ତ୍ରଣ କରୁଛି। ଏଠାରେ ଥିବା ଖାଲରେ ନର୍ଦ୍ଦମା ପାଣି, ବର୍ଷା ଜଳ ଜମିରହି ଦୁର୍ଗନ୍ଧ ହେଉଛି। ଫଳରେ ପେଟ୍ରୋଲ ପକାଇବାକୁ ଆସୁଥିବା ଲୋକେ ଓ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନଯାୟୀ, କିଛି ଦିନ ହେବ ଜିଲାରେ ଲଗାଣ ବର୍ଷା ଲାଗିରହିଛି। ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଖାଲଲେ ପାଣି ଜମି ରହି ଦୁର୍ଗର୍ନ୍ଧ ହେଉଛି। ସରକାରଙ୍କ ପକ୍ଷରୁ ଡେଙ୍ଗୁ ସଚେତନତା କରାଯାଉଥିବା ବେଳେ ଉକ୍ତ ଖାଲର ନର୍ଦ୍ଦମା ପାଣିରେ ମଶା, ମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅଞ୍ଚଳରେ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ରହିଛି। ଅଗଷ୍ଟ ୨୪ରେ ଏକ ତୀର୍ଥଯାତ୍ରୀ ବସ୍ ପେଟ୍ରୋଲ ପକାଇବାକୁ ଯାଉଥିବା ବେଳେ ପଛରୁ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ୍ ଧକ୍କା ଦେଇ ଖାଲରେ ପଶି ଯାଇଥିଲା। ପାଞ୍ଚ ଫୁଟ ଖାଲରେ ପଶି ଯାଇଥିଲେ ମଧ୍ୟ ଟ୍ରକ୍ ଚାଳକ ସୁରକ୍ଷିତ ଥିଲେ। ଖାଲ ଆଗମୀ ଦିନରେ ବିପଦ ସୃଷ୍ଟି କରିବା ପୂର୍ବରୁ ଏହାକୁ ପୋତିବାକୁ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଦାବି କରିଛନ୍ତି। ତେବେ ଉକ୍ତ ଖାଲ ବିଷୟରେ ପେଟ୍ରୋଲ ପମ୍ପ ଦାୟିତ୍ୱରେ ଥିବା ସ୍ମୃତିରଞ୍ଜନ ସାହୁ କହିଛନ୍ତି, ସେ ବାହାରେ ଏକ କାର୍ଯ୍ୟରେ ଅଛନ୍ତି। ଫେରି ଦେଖିବା ପରେ କିଛି ବ୍ୟବସ୍ଥା କରିବେ।

## ବ୍ୟବସାୟୀଙ୍କ ଅକାଳ ବିୟୋଗ

ଢେଙ୍କିକୋଟ,୩୦ା୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ସୋମବାର ଜଣେ ବ୍ୟବସାୟୀଙ୍କ ଅକାଳ ବିୟୋଗ ଘଟିଛି। ମୃତକ ହେଲେ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ହରିହର ମାଝୀ(୫୦)। ହରିହର ଢେଙ୍କିକୋଟସ୍ଥିତ ଦଳେଇ ସାହିରେ ସିମେଣ୍ଟ ବାଲିରେ ତିଆରି ମୂର୍ତ୍ତି, ତାର ବାଡ଼ ଖୁଣ୍ଟ ଏବଂ ପ୍ରତିମୂର୍ତ୍ତି ନିର୍ମାଣ କରି ବିକ୍ରି କରୁଥିଲେ। ସେଠାରେ ମଧ୍ୟ ସେ ରହୁଥିଲେ। ପ୍ରତିଦିନ ପରି ରବିବାର ରାତିରେ ଖାଇପିଇ ସୋଇଥିଲେ। ସୋମବାର ସକାଳୁ ନ ଉଠିବାରୁ ପଡ଼ୋଶୀ କବାଟ ବାଡେଇଥିବା ବେଳେ ସେ ଖୋଲିନ ଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ଏଏସ୍‌ଆଇ ସୁରଥ ଦେହୁରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବ୍ୟବସାୟୀଙ୍କ ହୃଦ୍‌ଘାତରେ ପରଲୋକ ଘଟିଥିବା ଜଣାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁ ଖବର ପ୍ରଚାର ହେବା ପରେ ଢେଙ୍କିକୋଟ ବଣିକ ସଂଘର ସଭାପତି ରାଜକିଶୋର ସାହୁ, ସମ୍ପାଦକ ଲଳାଟେନ୍ଦୁ ସାହୁଙ୍କ ସମେତ କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିବା ସହ ଦୁଃଖପ୍ରକାଶ କରିଛନ୍ତି।

# କେନ୍ଦୁଝରରେ ଖୋଲିଲା ଉତ୍କଳିକାର ପ୍ରଥମ ବିକ୍ରୟ କେନ୍ଦ୍ର

କେନ୍ଦୁଝର,୩୦ା୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ଅନ୍ତର୍ଗତ ପରିଡ଼ା ମାର୍କେଟ କମ୍ପ୍ଲେକ୍ସଠାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା)ର ଉତ୍ତର ଓଡ଼ିଶା ତଥା କେନ୍ଦୁଝର ଜିଲାରେ ପ୍ରଥମ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସମବାୟ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଏଠାରେ ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରୟ ମାଧ୍ୟମରେ ଓଡ଼ିଶାର କାରିଗରଙ୍କୁ କର୍ମସଂସ୍ଥାନ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ହସ୍ତଶିଳ୍ପ ଉଦ୍ୟୋଗର ବିକାଶ ତଥା ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରୟ ମାଧ୍ୟମରେ କାରିଗରଙ୍କୁ କର୍ମ ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଏକ ଶୀର୍ଷ ସମବାୟ ଅନୁଷ୍ଠାନ(ଉତ୍କଳିକା) ଭାବରେ ୧୯୫୯ରେ ଗଠନ କରାଯାଇଥିଲା। ଶୀର୍ଷ ସମବାୟ ଅନୁଷ୍ଠାନରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ୧୧୬ ଗୋଟି ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି ସଦସ୍ୟ ଅଛନ୍ତି। ଓଡ଼ିଶା ହସ୍ତଶିଳ୍ପ କାରିଗରଙ୍କ ସାମଗ୍ରିକ ଉନ୍ନତି ନିମନ୍ତେ ଉତ୍କଳିକାର ଉଭୟ ରାଜ୍ୟ ଓ ଦେଶରେ ୨୪ଟି ଶାଖା ରହିଛି। ଏହି ପରିପ୍ରେକ୍ଷୀରେ ଉତ୍ତର ଓଡ଼ିଶାର କାରିଗରଙ୍କ ଶିଳ୍ପକୁ ପ୍ରାଧାନ୍ୟ ଦେଇ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ଅନ୍ତର୍ଗତ ପରିଡ଼ା ମାର୍କେଟ କମ୍ପ୍ଲେକ୍ସରେ ନୂତନ ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ଏଠାରେ ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ୍ ଗ୍ରାସ୍, ଚାନ୍ଦୁଆ, ପଟ୍ଟଚିତ୍ର, ଆଦିବାସୀ ଜୁଏଲେରି, ତାଳପତ୍ର ଖୋଦେଇ, ପିତଳ, ଢୋକ୍ରା, ଖୋଟ କାମ, ହସ୍ତତନ୍ତ ଶାଢ଼ି, ଡ୍ରେସ୍ ଇତ୍ୟାଦି ଉତ୍କୃଷ୍ଟମାନର ସାମଗ୍ରୀଗୁଡ଼ିକର ବିକ୍ରୟ କରାଯିବ। ଉଦ୍‌ଘାଟନୀ ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଉତ୍କଳିକା ପରିଚାଳନା ନିର୍ଦ୍ଦେଶିକା ମଧୁମିତା ରଥ, ଉତ୍କଳିକା ସଭାପତି କୁମାରୀ ଦେବସ୍ମିତା ସାହୁ, ଉପ-ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଯୁଗ୍ମ ସଚିବ ତଥା ପରିଚାଳିକା କଲ୍ୟାଣୀ ପଟ୍ଟନାୟକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ଅନ୍ୟମାନେ।

## 'ମଣପୁରମ୍ ଗୋଲ୍ଡ'ରୁ ଲୁଟ୍ ଉଦ୍ୟମ

ରାଇରଙ୍ଗପୁର,୩୦।୮(ମାନସ ମହାନ୍ତି)– ରାଇରଙ୍ଗପୁର ଟାଉନ ଥାନା ଅଧୀନ ବଡ଼ ବଜାରସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା 'ମଣପୁରମ୍ ଗୋଲ୍ଡ' ଋଣ ଲଗାଣକାରୀ ସଂସ୍ଥା କାର୍ଯ୍ୟାଳୟରୁ ସୋମବାର ପୂର୍ବାହ୍ନ ୯ଟା ବେଳେ ଲୁଟ୍ ଉଦ୍ୟମ ବିଫଳ ହୋଇଛି। କର୍ମଚାରୀମାନେ କାର୍ଯ୍ୟାଳୟ ଖୋଲିବା ସମୟରେ ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଲୁଟ୍ ଉଦ୍ୟମ କରିଥିଲେ। ଏହି ସମୟରେ ସଂସ୍ଥାର ସାଇରନ ବାଜିବାରୁ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ଖବରପାଇ ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଲିକ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସଂସ୍ଥାର କର୍ମଚାରୀ ସୌମେନ୍ଦ୍ର ପଣ୍ଡାଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୨୮୬/୨୪) ରୁଜୁ କରିଛି।

# ହାତୀ ଆତଙ୍କ,ବ୍ୟାପକ ଫସଲ ହାନି

ଖୁଣ୍ଟା,୩୦।୯(ଦେବରଞ୍ଜନ ବେହେରା)



ଗଛ ଆଢୁଆଳରେ ଲୁଚି ରହିଥିବା ହାତୀ।

ଗତ କିଛିଦିନ ହେଲା ମୟୂରଭଞ୍ଜ ଜିଲା ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏନେଇ ବନ ବିଭାଗକୁ ନାକେଦମ୍ ହେବାକୁ ପଡୁଛି। ସୋମବାର ଖୁଣ୍ଟା ବ୍ଲକ ଅଧୀନ ଗଡ଼ିଗାଁ ଗ୍ରାମରେ ପୁଣି ଏକ ୩ ଟିକିଆ ହାତୀ ପଲ ପ୍ରବେଶ କରିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ହାତୀପଲ ବ୍ୟାପକ ଫସଲ ହାନି କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପଡ଼ୋଶୀ ବାଲେଶ୍ୱର ଜିଲାର କୁଲଡ଼ିହା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ହାତୀ ପଲ ଆସିଥିବା ବେଳେ ସୋମବାର ଗଡ଼ିଗାଁ ପଞ୍ଚାୟତର କାହ୍ନୁପୁର ଗ୍ରାମ ନାଲୁହା ନାଳ ନିକଟରେ ଥିବା ଏକ ଘଞ୍ଚ ବାଉଁଶ ବଣ ମଧ୍ୟରେ ଥିବା ସକାଳେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହି ହାତୀ ପଲରେ ଗୋଟିଏ ଦନ୍ତା ଓ ଗୋଟିଏ ମାଈ ସହ ଏକ ଛୁଆ ହାତୀ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମବାସୀ ଉଦଳା ବନ ବିଭାଗକୁ ସୂଚନା ଦେବାପରେ ଡେପୁଟି ରେଞ୍ଜର ମହାବୀର ମୁର୍ମୁଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀପଲର ଗତିବିଧି ଉପରେ ନଜର ରଖିବା ସହ ଶିମିଳିପାଳ ଅଭୟାରଣ୍ୟ ଆଡ଼କୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାଉଁଶ ବଣ ମଧ୍ୟରେ ଲୁଚି ରହିଥିବା ହାତୀପଲକୁ ଘଉଡ଼ାଇବା ପାଇଁ ଦିନ ତମାମ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ଗାଁରେ ହାତୀ ପ୍ରବେଶ କରିଥିବା ଖବର ପ୍ରଚାର ହେବା ପରେ ହାତୀ ପଲକୁ ଦେଖିବା ପାଇଁ ଘଟଣାସ୍ଥଳ ଲୋକାରଣ୍ୟ ହୋଇପଡ଼ିଥିଲା। ଲୋକଙ୍କ କୋଳାହଳ ଯୋଗୁ ହାତୀପଲ ବାଉଁଶ ବଣରୁ ବାହାରୁ ନ ଥିବା ବନ ବିଭାଗ କହିଛି। ଏହି ହାତୀ ପଲ ବ୍ୟାପକ ଫସଲ ହାନୀ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ୭୩ ଅଭିଯୋଗର ହେଲା ଶୁଣାଣି



ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାର କାର୍ଡ ବଣ୍ଟନ କରାଯାଉଛି।

ରାଇରଙ୍ଗପୁର,୩୦।୯(ମାନସ ମହାନ୍ତି)

କୁସୁମୀ ବ୍ଲକ ଅଧୀନ ବାଦାମପାହାଡ଼ଠାରେ ମିଳିତ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ଏସ.ସୁଶ୍ରୀ, ବାମନଘାଟି ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର, କୁସୁମୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଦିଶ ଟପ୍ପୋ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଓ ରାଇରଙ୍ଗପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପରୀକ୍ଷୀତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୭୩ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୫୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୨ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଜିଲାପାଳ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦୦୦ ଟଙ୍କା ମଞ୍ଜୁର କରିଥିଲେ। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାର କାର୍ଡ ବଣ୍ଟନ କରାଯାଇଥିଲା।

## ଛଉ ନୃତ୍ୟ ତାଲିମ କେନ୍ଦ୍ର ପରିଦର୍ଶନ କଲେ ସଚିବ

ବାରିପଦା,୩୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ବାରିପଦାସ୍ଥିତ ଜିଲା ସଂସ୍କୃତି ଭବନଠାରେ ସମୀକ୍ଷା କରିଛନ୍ତି। ଛଉ ନୃତ୍ୟ ତାଲିମ କେନ୍ଦ୍ର ପରିଦର୍ଶନ ଓ ଶିକ୍ଷାର୍ଥୀମାନଙ୍କ ତାଲିମ ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ ପାଇଁ ଆଲୋଚନା କରିଛନ୍ତି। ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିରର ସମ୍ପାଦକ ଓ କେନ୍ଦ୍ରର ସଂଯୋଜକ ତଥା ଉତ୍ତର ସାହି ବାରିପଦାର ସହ-ସମ୍ପାଦକ ଗୁରୁ ଲୋକନାଥ ଦାସ ସଚିବଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷାର୍ଥୀମାନେ ପ୍ରଚେଷ୍ଟା କରି ଛଉ ନୃତ୍ୟକୁ ଏକ ନୂଆ ରୂପ ଓ ନୂଆ ପରିଚୟ ଦେବାପାଇଁ ସଚିବ ପ୍ରେରଣା ଦେଇଥିଲେ। ଶିକ୍ଷାର୍ଥୀମାନଙ୍କ ନୃତ୍ୟରେ ଉନ୍ନତି ଦେଖି ଏହାର ସମସ୍ତ ଶ୍ରେୟ ଗୁରୁମାନଙ୍କୁ ଦେଇଥିଲେ। ଆଲୋଚନାରେ ଗୁରୁ ବର୍ଣ୍ଣରୂପା ମହାନ୍ତି, ଦେବନାରାୟଣ ଧଡ଼ା, ସଞ୍ଜିତ ଘଡେଇ, ତାରକ ନାଥ ଦାସ, ସୁଶାନ୍ତ ବେହେରା, କାର୍ତ୍ତିକ ଘଡେଇ, ନବକିଶୋର ଘଡେଇଙ୍କ ସମେତ ସମସ୍ତ ଶିକ୍ଷାର୍ଥୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ସଚିବ ଓ ଅନ୍ୟମାନେ।

# ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା



ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ବାରିପଦା,୩୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ସନ୍ତରଣାଗାର ପରିସରରେ ଜିଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ବାଳିକା ବର୍ଗର ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ବିକାଶ ହୀରାପାଲ, ଜ୍ୟୋତ୍ସ୍ନା ଟୁଡୁ, ସୁକାନ୍ତି ହାଁସଦା, ଗୋଲାପୀ କାଲୋ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

ଅକ୍ଟୋବର ୨ ରୁ ୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରସ୍ଥିତ ସନ୍ତରଣାଗାରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାରୁ ୨୦ ଜଣ ଛାତ୍ରୀଛାତ୍ର ଯୋଗଦେବେ ବୋଲି ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି । ବାଳକ ଟିମ୍ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ବରଡିହିର ପିଇଟି ସଞ୍ଜୀତା ବେହେରାଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଯୋଗଦେବେ। ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବିକ୍ରମ ଦାସ, ମାନସ ରଞ୍ଜନ ନାଏକ, ମୁନା ସିଂ, ଜୟଦେବ ମହାନ୍ତ, ରୂପକ ନାଏକ ଓ ବାଳିକା ବିଭାଗରେ ସାବିତ୍ରୀ ମାରାଣ୍ଡି, ରାନୀ ମାରାଣ୍ଡି, ସୋନାଲି ହାଁସଦା, ସାଲଗେ ସୋରେନ, ସେନେଲି ହାଁସଦା। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅନୀଲ କୁମାର ମହାନ୍ତ, ଶ୍ରୀକାନ୍ତ ସିଂ, ବିରଜା ସିଂ, ସଂଗ୍ରାମ ନାଏକ, ହିମାଂଶୁ ନାଏକ ଓ ବାଳିକା ବିଭାଗରେ ସୁଦର୍ଶନା କ୍ରିଷ୍ଣା ନାଏକ, ଦାଙ୍ଗି ମାରାଣ୍ଡି, ପ୍ରିୟା ନାଏକ, ଅଲିଭା ନାଏକ ଏବଂ ସୁମିତ୍ରା ମାରାଣ୍ଡି।

## ଶ୍ରୀଗୁରୁ ଭାଗବତ ପାଲିଙ୍କି ଶୋଭାଯାତ୍ରା



ବାରିପଦା,୩୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବଡ଼ବଜାରସ୍ଥିତ 'ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ'ରୁ ପୂଜ୍ୟ ଗୁରୁଜୀ ଡ.ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ନଅ ଖଣ୍ଡ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ନେଇ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ସୁସଜ୍ଜିତ ପାଲିଙ୍କି ସହ ଶତାଧିକ ଭକ୍ତ ଶୋଭାଯାତ୍ରାରେ ବାହାରି ବଡ଼ବଜାର, ମା ଅମ୍ବିକା ମନ୍ଦିର, ବେଲଗାଡ଼ିଆ, ବାଘଘର ରାସ୍ତା ଦେଇ ଭୁଗୁଡ଼ାକଟା ସ୍ଥିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଭଞ୍ଜପୁରରେ ଶ୍ରୀଗୁରୁ ଭାଗବତ ପାରାୟଣ ସହ ସମାପ୍ତ ହୋଇଥିଲା। ଗୁରୁ ତତ୍ତ୍ୱ, ଗୁରୁ ପରମ୍ପରା ତଥା ଗୁରୁ ଶିଷ୍ୟର ସମ୍ପର୍କ ଆଦି ପୁରାତନ ସଂସ୍କୃତିକୁ ବଞ୍ଚାଇବା ଓ ଆଜିର ସମାଜରେ ଏହାର ଆବଶ୍ୟକତାକୁ ଦେଖି ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗଢ଼ିଉଠିଲାଣି। ବାରିପଦାରେ ମଧ୍ୟ ଗତ ଅଗଷ୍ଟ ୧୨ ତାରିଖରେ ଉକ୍ତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଦୁଇଟି ପୂଜ୍ୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଏହି ଟୁଙ୍ଗୀରେ ପ୍ରତି ସନ୍ଧ୍ୟାରେ ଶ୍ରୀ ଗୁରୁ ଭାଗବତ ପରାୟଣ ସହ ଛୋଟ ଛୋଟ ପିଲାଙ୍କୁ ନେଇ ଛଉ ନୃତ୍ୟ, ସଂଗୀତ ଶିକ୍ଷା ସହ ତବଲା, ହାରମୋନିୟମ ବାଦ୍ୟ ଯନ୍ତ୍ର ଶିକ୍ଷା ଦିଆଯାଉଛି।

## ପୋଷଣ ମାସ ପାଳନ

ମୋରଡ଼ା,୩୦।୯(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଦାନ୍ତିଆମୁହାଁ କଲ୍ୟାଣ ମଣ୍ଡପଠାରେ ପୋଷଣ ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ(ସିଡିପିଓ) ବିଟୁ ଟୁଡୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଜେମାମଣି ମହାନ୍ତ, କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ, ଏଇଇ ମୋତିଲାଲ ଟୁଙ୍ଗ, ଏବିଇଓ ପାଲୁ ହାଁସଦା, ସମିତି ସଭ୍ୟ ସୁକୁଲ ମୁର୍ମୁ, ଦାନ୍ତିଆମୁହାଁ ସରପଞ୍ଚ ଗୁରୁବାରୀ ସିଂ, ଦୁର୍ଗାପୁର ସରପଞ୍ଚ ସୁମିତ୍ରା ଟୁଡୁ, କୃଷି ବିଜ୍ଞାନୀ ସଙ୍ଘମିତ୍ରା ପଟ୍ଟନାୟକ, କୃଷି ବିଶେଷଜ୍ଞ ଗୁନିଲତା ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ଓ ମୋରଡା ଶିଶୁ ବିକାଶ ଯୋଜନା ବିଭାଗର ମିଳିତ ସହଯୋଗରେ ଏକ ଚାରା ରୋପଣ, ଚାରା ଗଛ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ଚାରା ବଣ୍ଟନ କରାଯାଉଛି।

# ଲୋକନୃତ୍ୟ ପ୍ରତିଯୋଗିତା

ବାରିପଦା,୩୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବାରିପଦାସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏମ୍‌ପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାପସ କୁମାର ନାଏକ ଓ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ। କଣ୍ଟାପାଳ ହାଇସ୍କୁଲର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କେ. ସି. ଏମ. ବାଲିଡିହାର ପ୍ରଧାନଶିକ୍ଷକ ନଳୀନ କୁମାର ଚୌଧୁରୀ ଓ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀଶିକ୍ଷକ ଡ.ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଚାରକ ଭାବେ ପ୍ରଧାନ ଶିକ୍ଷୟତ୍ରୀ ଆରତୀ ଟୁଡୁ, ନୃତ୍ୟ ନିର୍ଦ୍ଦେଶକ ଅନୁବାଳା ମହାନ୍ତି ଓ ସୁଜିତ କୁମାର ମହାନ୍ତ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ଶିକ୍ଷକ ନୟନ ଗିରି, ବସନ୍ତ ଦତ୍ତ, ଦୀପକ ରାମ, ମନୋଜ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସେଠୀ କୃତୀ ଦଳକୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବହଳଦା ବିଇଓ ଶୁଭଶ୍ରୀ ସିଂହ ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ଦାନ୍ତିଆମୁହାଁ ପ୍ରଥମ, ବାରିପଦାସ୍ଥିତ ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଓଏଭି , ମୋରଡା ତୃତୀୟ ସ୍ଥାନ ଅଧିକାର କରିଛି । ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ।


**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

**ଇ-ନିଲାମ ସୂଚନା ସଂଖ୍ୟା ଏସ୍ଆର/ଏକ୍ସ-ଏସ୍‌ଟିଓଆର୍‌ଂସେଲ(ଡିଏସ୍‌ପିଏଲ)/୪/୨୦୨୪-ସେଲ୍/୩। ତାରିଖ: ୩୦।୦୯।୨୦୨୪।** ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ମୁଖ୍ୟାଳୟ, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ପାଇଁ ଅତିରିକ୍ତ ଇ-ନିଲାମ ତାରିଖ **ତା୦୪।୧୦।୨୦୨୪ରିଖରେ** ଆମନ୍ତ୍ରିତ କରୁଛନ୍ତି । **ନୋଟ୍:** ଇ-ନିଲାମ କାର୍ଯ୍ୟକ୍ରମ ଓ ସୂଚୀର ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।
(PR-664) ବରିଷ୍ଠ ମଣ୍ଡଳ ଆୟୁକ୍ତ ପ୍ରବନ୍ଧକ/ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ସେବାରତ


## ପୁରସ୍କାର ବିତରଣୀ ଉତ୍ସବ

ବାରିପଦା,୩୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ବାରିପଦା ଆନୁକୂଲ୍ୟରେ ହିନ୍ଦୀ ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଶ୍ରୀମା ମହିଳା ମହାବିଦ୍ୟାଳୟର ଉମରା ପରବିନ, ଶିକ୍ଷା ଓ ଶିକ୍ଷକ ତାଲିମ ଅନୁଷ୍ଠାନର ଅଞ୍ଜଳି ବେହେରା, ଏମ୍‌ପିକେ ବାଳିକା ବିଦ୍ୟାଳୟର ଗାୟତ୍ରୀ ସ୍ୱାଇଁ, ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ଶ୍ରୀୟାଂଶୀ କୁଁଅରବାବୁ, ଏମ୍‌ଟିକେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରିଷ୍ଟା ମହାନ୍ତ, ପାଣ୍ଡେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁପ୍ରିୟା ବେହେରା, ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟର ଅଞ୍ଜଳୀ କୁମାରୀ ଓ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରୀତି ମହାରଣା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅନ୍ୟ ୨୨ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଗୀତା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡ.ଶ୍ୟାମ ସୁନ୍ଦର ଦାସ, ଖବରଦାତା ସଞ୍ଜୟ ଚୌଧୁରୀ, କଲ୍ୟାଣୀ ମହିଳା ସମିତିର ସମ୍ପାଦିକା କଳ୍ପନା ଷଡଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ସନ୍ଧ୍ୟାରାଣୀ ଦାସ ସ୍ୱାଗତ ସଂଗୀତ ଗାନ କରିଥିଲେ। ସମିତିର ସମ୍ପାଦିକା ପ୍ରଭାତ ମଞ୍ଜରୀ ଦାଶଶର୍ମା ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ଶତପଥୀ, କମଳ ଲୋଚନ ମହାକୁଡ଼, ଶେଖ ଜିକରୁଲ୍ଲା, ପୂର୍ଣ୍ଣିମା ପଣ୍ଡା, ବୈଜୟନ୍ତୀ ପାଲ, ରଜନୀ ବାରିକ ଓ ଆଇନଜୀବୀ ପାର୍ବତୀ ବାରିକ ପ୍ରମୁଖ ଉପସ୍ଥିତ ରହି ହିନ୍ଦି ଦିବସ ଉପରେ ଆଲୋକପାତ କରିଥିଲେ। ହିନ୍ଦି ଅଧାପିକା ଐଶ୍ୱର୍ଯ୍ୟା ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।


**ବ୍ୟାଙ୍କ ଅଫ୍ ଇଣ୍ଡିଆ** BOI Bank of India
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା, କେନ୍ଦୁଝର ଅଞ୍ଚଳ, କେନ୍ଦୁଝରଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ତା.୦୨.୦୫.୨୦୨୩ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପୁଷ୍ଟି ଏଣ୍ଟରପ୍ରାଇଜର୍ସ**, ଲକ୍ଷ୍ମୀବଜାର, ପୋ/ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୦୧, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସମିର ପୁଷ୍ଟି**, ପିତା: ୰ ପ୍ରାଣବନ୍ଧୁ ପୁଷ୍ଟି, ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ / **ଗ୍ୟାରେଣ୍ଟିଦାତା: ୧) ୰ପ୍ରାଣବନ୍ଧୁ ପୁଷ୍ଟି, ୨) ୰ ସରୋଜ ପୁଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଦୁର୍ଗାବତୀ ପୁଷ୍ଟି**, ସ୍ୱାମୀ: ୰ପ୍ରାଣବନ୍ଧୁ ପୁଷ୍ଟି, **୨) ଶ୍ରୀମତୀ କଳ୍ପନା ପୁଷ୍ଟି**, ସ୍ୱାମୀ: ୰ସରୋଜ ପୁଷ୍ଟି, **୩) ଶ୍ରୀ ସଲିଳ ପୁଷ୍ଟି (ଗ୍ୟାରେଣ୍ଟିଦାତା)**, ପିତା: ୰ପ୍ରାଣବନ୍ଧୁ ପୁଷ୍ଟି, ସମସ୍ତଙ୍କ ଠିକଣା- ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ | ଟ.୨୫,୧୦,୦୦୦.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୫.୨୦୨୩ / ୨୬.୦୯.୨୦୨୪ | ୰ ପ୍ରାଣବନ୍ଧୁ ପୁଷ୍ଟିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୬, ପ୍ଲଟ୍ ନଂ.: ୩୫୯ (ମ୍ୟୁଟେସନ୍ କେସ୍), କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ସିମିଳିଆ, ଥାନା: ସଦର, ଏସ୍ଆରଓ: ଢେଙ୍କାନାଳ, ତହସିଲ/ଜିଲ୍ଲା: ଢେଙ୍କାନାଳ, ପଞ୍ଜିକୃତ ଦଲିଲ୍ ନଂ.: ୧୦୫୦୧୨୦୦୮୪୫, ପଞ୍ଜିକୃତ ତାରିଖ: ୧୦.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରଘୁନାଥ ଜେନା, ପୂର୍ବ: ଶ୍ରୀ ଅଚ୍ୟୁତାନନ୍ଦ ବେହେରା, ପଶ୍ଚିମ: ଶ୍ରୀ କେଶବ ପାତ୍ର |

ସ୍ଥାନ : କେନ୍ଦୁଝର
ତାରିଖ : ୩୦.୦୯.୨୦୨୪
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ



GOVERNMENT OF ODISHA No.B-344
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
**e-Procurement**
**Bid Identification No. CCENC (R AND B)/07/2024-25**
No. 3409 Dtd. : 24.09.2024
1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Bridge works** as detailed in the DTCN from the eligible class of contractors.
2. No. of works : **07 NOS. (SEVEN NOS. ROAD WORKS)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special"**
5. Date & Time of available in website & receipt of Bids from **03.10.2024 to 17.00 Hours of 18.10.2024**.
6. Date of opening of Technical Bid **19.10.2024 at 11.00 Hours**.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/Addendum will be displayed in the website www.tendersodisha.gov.in

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0008/2425



**OFFICE OF THE PANCHAYAT SAMITI, GAISILET**
AT/PO/PS : Gaisilet, Dist. : Bargarh (Odisha), PIN : 768037
E-Mail ID : ori-gaisilet@nic.in
No. 3909/Dt.26.09.2024
**"e"-procurement Notice**
**Bid Identification No. BDO/Gaisilet/01/2024-25**
**No.i-210** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

| | | |
|---|---|---|
| 1 | Nature of work | Civil works |
| 2 | No. of works | 2 |
| 3 | Estimated cost | As per NIT |
| 4 | Period of completion | As per NIT |
| 5 | Date and time of availability of the Documents in the Portal | From 01.10.2024, 11.00 A.M. to 15.10.2024, 5.00 P.M. |
| 6 | Last date/time for receipt of Bids in the portal | Dt. 15.10.2024 up to 5.00 P.M. |
| 7 | Bids received online shall be opened on | Dt. 17.10.2024 at 11 A.M. |
| 8 | Name and address of the Officer inviting Bid | Block Development Officer Gaisilet |

Further, the details can be seen from the procurement Portal www.tendersodisha.gov.in

Sd./- Block Development Officer, Gaisilet
OIPR-19191/11/0001/2425

